## ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ଢେଙ୍କିକୋଟ୍,(ଡି.ଏନ.ଏ): କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ସ୍ଥାନୀୟ ଅଞ୍ଚଳର ଗୌରହରି ମହାନ୍ତ (୪୫)। ରବିବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଘଟଗାଁ ସବ୍ଇନ୍ସପେକ୍ଟର ତରଣୀସେନ ବାଗ୍ ପ୍ରକାଶ କରିଛନ୍ତି। ଗତ ୧୨ ତାରିଖରେ ପୀଡ଼ିତା ଥାନା ଅନ୍ତର୍ଗତ ଘରେ ଏକା ଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ତାଙ୍କ ଘରେ ପଶି ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ଘଟଗାଁ ଥାନା କେଶ ନଂ. ୨୪୪/୨୨ରେ ମାମଲା ରୁଜୁ ହୋଇଥିଲା।

## ବିପର୍ଯ୍ୟୟ ପରିଚାଳନା ତାଲିମ

ବନ୍ତ,୧୯।୧୧(ଡି.ଏନ୍.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ଚାରିଗାଁ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀରେ ୭ଦିନ ଧରି ଚାଲିଥିବା ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହାୟତା, ଜିଲା ଓ ବ୍ଲକ ପ୍ରଶାସନର ମିଳିତ ସହଯୋଗ ଏବଂ ସିଏଫ୍‌ଡବ୍ଲ୍ୟୁଏସ୍‌ଡି ସଂସ୍ଥା ସଂଯୋଜନାରେ ଅନୁଷ୍ଠିତ ତାଲିମ ଶିବିରରେ ବିପର୍ଯ୍ୟୟ ପରିଚାଳନା, ନଥିପତ୍ର ପ୍ରସ୍ତୁତି, ରକ୍ଷାବେକ୍ଷଣ, ଅନୁସନ୍ଧାନ, ଉଦ୍ଧାର ସମ୍ପର୍କରେ ଜ୍ଞାନ, କୌଶଳ, ଉପକରଣ ବ୍ୟବହାର, ପ୍ରାଥମିକ ଚିକିତ୍ସା ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। କାଳୀପଦ ରାୟ, ମାନସୀ ଜେନା, ବସନ୍ତ କୁମାର ଖିଲାର ଓ ପ୍ରଦୀପ ଜେନା ତାଲିମ ପ୍ରଦାନ କରିଥିଲେ। ଏଥିସହ ଜିଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ଅମ୍ଳାନ ସେନାପତି ଓ ଆଗରପଡ଼ା ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ପ୍ରଧାନ ପ୍ରଶିକ୍ଷାର୍ଥୀମାନଙ୍କୁ ଉପାଦେୟ ଜ୍ଞାନକୌଶଳ ଶିକ୍ଷା ଦେଇଥିଲେ।

ସରପଞ୍ଚ ତଥା ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା କମିଟି ସଭାପତି ଗୀତିକା ଭୋଇଙ୍କ ସଭାପତିତ୍ୱ, ସମ୍ପାଦକ ରାମଚନ୍ଦ୍ର ସାହୁଙ୍କ ପରିଚାଳନା, ସିଏଫ୍‌ଡବ୍ଲ୍ୟୁଏସ୍‌ଡିର କାର୍ଯ୍ୟକାରୀ ସମ୍ପାଦକ ନୃସିଂହ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍ଯାପନୀ ଉତ୍ସବରେ ବିଡିଓ ପ୍ରଦୀପ କୁମାର ସେଠୀ ଓ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଅତିଥି ଭାବେ ଯୋଗ ଦେଇଥିଲେ। ପିଇଓ ବୀର କିଶୋର ନାୟକ ଅତିଥି ପରିଚୟ ପ୍ରଦାନ ଓ ପୂର୍ବତନ ସରପଞ୍ଚ ବନମାଳୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରଦୀପ ଜେନା, ଅନାମ ଜେନା, ଆନନ୍ଦ ଜେନା, ରଞ୍ଜନ ସାହୁ, ଚନ୍ଦ୍ରକାନ୍ତ ବେହେରା, ଜୟଶ୍ରୀ ସାହୁ, ଶୈଳବାଳା ସାହୁ, ରଶ୍ମିରେଖା ସାହୁ, ମାନସ ମିଶ୍ର ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ଆର୍ଥିକ ଅଭିବୃଦ୍ଧି ଆଶା ଉଜ୍ଜୀବିତ

## ଲୁହାପଥର ଉପରୁ ରପ୍ତାନି କର ହ୍ରାସ

ଯୋଡ଼ା,୧୯।୧୧(ଡି.ଏନ.ଏ)

ପୂର୍ବରୁ ଲାଗୁ ହୋଇଥିବା ଲୁହାପଥର ରପ୍ତାନି କର ଯୋଗୁଁ ଦେଶରେ ରପ୍ତାନି କମିଯାଇଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ରପ୍ତାନି କରକୁ ହ୍ରାସ କରିଛନ୍ତି। ଶୁକ୍ରବାର ରାତିରେ କେନ୍ଦ୍ର ସରକାର ଏ ନେଇ ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। କର ହ୍ରାସ ପରେ ଦେଶରେ ରୁଗ୍ଣ ହୋଇ ପଡ଼ିଥିବା ଶିଳ୍ପ ପୁନଃ ଚାଲିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏଥିସହ ଆର୍ଥିକ ଅଭିବୃଦ୍ଧିର ସମ୍ଭାବନା ମଧ୍ୟ ଉଜ୍ଜୀବିତ୍ ହୋଇଛି। ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲଙ୍କ ସୂଚନା ମୁତାବକ, ଶତକଡ଼ା ୫୮ ପ୍ରତିଶତ ଲୁହାପଥରର ମାନ (ଗ୍ରେଡ୍)ରୁ କମ୍ ଥିବା ଲୁହାପଥର ଲମ୍ପସ, ଫାଇନ୍ସ ଉପରେ କୌଣସି ରପ୍ତାନି କର ଲାଗୁ ହେବ ନାହିଁ। ୫୮ପ୍ରତିଶତ ଓ ତଦୂର୍ଦ୍ଧ୍ୱ ଥିବା ଗ୍ରେଡ୍ ଲୁହାପଥର ଉପରେ ଶତକଡ଼ା ୩୦ ପ୍ରତିଶତ ଲାଗୁ କରାଯାଇଛି। ସେହିପରି ପିଗ୍ ଆଇରନ, ଆଇରନ ଓର ପିଲେଟ, ଷ୍ଟିଲ୍ ପ୍ରଡକ୍ଟ ଉପରେ କୌଣସି ରପ୍ତାନି କର ଲାଗୁ ହେବ ନାହିଁ। ଚଳିତ ବର୍ଷ ମେ ମାସଠାରୁ ଶତକଡ଼ା ୫୮ଗ୍ରେଡ୍‌ରୁ କମ୍ ଥିବା ଲୁହାପଥର ଉପରେ ଶତକଡ଼ା ୫୦ ପ୍ରତିଶତ ରପ୍ତାନି କର ଲାଗୁ କରାଯାଇଥିଲା। ଏହାଦ୍ୱାରା ଭାରତରୁ ଲୁହାପଥର ରପ୍ତାନିରେ ଏକ ପ୍ରକାର ଅଚଳାବସ୍ଥା ଦେଖାଦେଇଥିଲା। ଏହା ଦ୍ୱାରା ଘରୋଇ ବଜାରରେ ଷ୍ଟିଲ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ହ୍ରାସ ପାଇଥିଲା। ସୂଚନାଯୋଗ୍ୟ, ୨୦୨୧ ଅକ୍ଟୋବରରେ ୧.୫ ମିଲିୟନ ଟନ୍ ରପ୍ତାନି ହୋଇଥିବା ବେଳେ ଚଳିତ ବର୍ଷ ୨୦୨୨ରେ ଏହା ହ୍ରାସ ପାଇ ୩ ଲକ୍ଷ ୬୦ ହଜାର ମେଟ୍ରିକ୍ ହୋଇଛି। ରପ୍ତାନି କର ବୃଦ୍ଧି ଯୋଗୁଁ ପିଲେଟ୍ ରପ୍ତାନି ବନ୍ଦ ହୋଇଯାଇଥିଲା। ଏହାଦ୍ୱାରା ଦେଶରେ ପିଲେଟ୍ ଶିଳ୍ପ ସଙ୍କଟରେ ପଡ଼ିଥିଲା। ଅଧିକାଂଶ ପିଲେଟ କାରଖାନା ବନ୍ଦ ହେବାକୁ ବସିଥିଲା। ଶିଳ୍ପ ସଂଘଗୁଡ଼ିକ ରପ୍ତାନି କର ହ୍ରାସ କରିବା ପାଇଁ କେନ୍ଦ୍ର ସରକାରଙ୍କଠାରେ ଦାବି କରି ଆସୁଥିଲେ। ଲୁହାପଥରର ରପ୍ତାନି ହ୍ରାସ ପରେ ମୂଲ୍ୟ ଅହେତୁକ ଭାବେ ହ୍ରାସ ଘଟିଥିଲା। ଫଳରେ ସରକାରଙ୍କ ରାଜସ୍ୱ ଆଦାୟ ଉପରେ ବ୍ୟାପକ ପ୍ରଭାବ ପଡ଼ିଥିଲା। ଯାହାକୁ ନେଇ ରାଜ୍ୟ ସରକାର ଚିନ୍ତାରେ ପଡ଼ିଥିଲେ। କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେବା ପରେ ବିଭିନ୍ନ ଖଣିରେ ଲୁହାପଥର କାରବାରକୁ ନେଇ ମଧ୍ୟ ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲୁହାପଥର ଗ୍ରେଡ୍‌କୁ ହେରଫେର କରି ଅଧିକ ଗ୍ରେଡ୍‌ର ଲୁହାପଥରକୁ ୫୮ପ୍ରତିଶତ ଗ୍ରେଡ୍‌ରୁ କମ୍ ଦର୍ଶାଇ ରପ୍ତାନି କରି ଅନିୟମିତତା କରିବାର ଆଶଙ୍କା ରହିଥିବା ଖଣି ବିଶାରଦମାନେ ମତ ପ୍ରକାଶ କରିଛନ୍ତି।

## ହାର୍ ମାନିଲା ଅକ୍ଷମତା

## ପକ୍ଷାଘାତ ଦେବସ୍ମିତାଙ୍କ ହାତ ଧରିଲେ ଶୁଭ୍ରାଂଶୁ



ବିବାହ ବନ୍ଧନରେ ଆବଦ୍ଧ ହୋଇଥିବା ଦେବସ୍ମିତା ଓ ଶୁଭ୍ରାଂଶୁ।

ବାଲେଶ୍ୱର ଅଫିସ, ୧୯।୧୧

ଶୁଭ୍ରାଂଶୁ ଓ ଦେବସ୍ମିତାଙ୍କ ମଧ୍ୟରେ ଦୀର୍ଘ ୮ ବର୍ଷର ପ୍ରେମ ସମ୍ପର୍କ। ପରସ୍ପରକୁ ଭଲ ପାଇ ସାତ ଜନ୍ମର ସାଥୀ ହେବାକୁ କଥା ଦେଇଥିଲେ। ସେମାନଙ୍କ ଅନାବିଳ ପ୍ରେମକୁ ଦେଖି ଉଭୟଙ୍କ ପରିବାର ଲୋକ ମଧ୍ୟ ବିବାହ ପାଇଁ ରାଜି ହୋଇଯାଇଥିଲେ। ତାରିଖ ମଧ୍ୟ ସ୍ଥିର ହୋଇଥିଲା। ହେଲେ ଏହାର କିଛି ଦିନ ପରେ ସବୁ କିଛି ଓଲଟପାଲଟ ହୋଇଯାଇଥିଲା। ହଠାତ୍ ଦେବସ୍ମିତା ପକ୍ଷାଘାତରେ ପୀଡ଼ିତ ହେବାରୁ ହ୍ୱିଲ ଚେୟାର ପାଲଟିଯାଇଥିଲା ତାଙ୍କ ଜୀବନସାଥୀ। ହେଲେ ପ୍ରେମିକ ଶୁଭ୍ରାଂଶୁ ପଛଘୁଞ୍ଚା ଦେଇ ନ ଥିଲେ। ସେମାନଙ୍କ ପ୍ରେମ ଆଗରେ ଅକ୍ଷମତା ହାର୍ ମାନିଛି। ଶୁଭ୍ରାଂଶୁ ଦେବସ୍ମିତା ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ସମାଜକୁ ଏଭଳି ଏକ ନିଆରା ବାର୍ତ୍ତା ଦେଇଥିବା ପ୍ରେମୀଯୁଗଳ ହେଲେ ବାଲେଶ୍ୱର ଜିଲା ଔପଦା ବ୍ଲକ ଫତେପୁର ଅଞ୍ଚଳର।

୨୦୧୫ରୁ ଫତେପୁର ଗ୍ରାମର ଶୁଭ୍ରାଂଶୁ ମହାପାତ୍ର ଗଡ଼ପଦା ଗ୍ରାମର ଦେବସ୍ମିତା ପଣ୍ଡାଙ୍କୁ ଭଲ ପାଉଥିଲେ। ଉଭୟେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଦେବସ୍ମିତା ଭଲ ଓଡ଼ିଶୀ ନୃତ୍ୟ କରନ୍ତି। ୨୦୧୯ରେ ଦେବସ୍ମିତା ପକ୍ଷାଘାତ ରୋଗରେ ପୀଡ଼ିତ ହେବାରୁ ତାଙ୍କ ପାଦ ସେଇଠି ହିଁ ଅଟକିଯାଇଥିଲା। ଚନ୍ଦ୍ରରେ ଗ୍ରହଣ ଲାଗିବା ଭଳି ଦେବସ୍ମିତାଙ୍କ ଜୀବନରେ ବି ଲାଗିଗଲା ଗ୍ରହଣ। ଦେବସ୍ମିତା ଅନ୍ୟ ଆଡେ ବିବାହ କରି ଜୀବନସାଥୀ ବାଛି ନେବାକୁ ଶୁଭ୍ରାଂଶୁଙ୍କୁ ବାରମ୍ବାର କହିଥିଲେ। କିନ୍ତୁ ଶୁଭ୍ରାଂଶୁ ତାଙ୍କ ହାତ ଛାଡ଼ି ନ ଥିଲେ। ପ୍ରତିଟି ସମୟରେ ସେ ତାଙ୍କୁ ପ୍ରେମର ପରିଭାଷା ବୁଝାଇ ଚାଲିଥିଲେ। ଗତ ୪ତାରିଖରେ ଦୁଇଟି ଆତ୍ମା ସାତ ଜନ୍ମ ପାଇଁ ଏକାଠି ହୋଇଛନ୍ତି। ଦେବସ୍ମିତାଙ୍କ ମଥାରେ ସିନ୍ଦୂର ଦେଇ ଶୁଭ୍ରାଂଶୁ ଜୀବନସାଥୀ କରିଛନ୍ତି। ପରିବାର ଲୋକେ ମଧ୍ୟ ଏହାକୁ ଖୁସିରେ ଗ୍ରହଣ କରିନେଇଛନ୍ତି।

# ବାଙ୍ଗିରିପୋଷି ରେଳଷ୍ଟେଶନ ପରିଦର୍ଶନ କଲେ ଖଡଗପୁର ଡିଆରଏମ୍

ବାଙ୍ଗିରିପୋଷି, ୧୯।୧୧(ଡି.ଏନ.ଏ.)

ଡିଭିଜନାଲ ରେଲୱେ ମ୍ୟାନେଜର, ଖଡଗପୁର ଡିଭିଜନ ଏମ.ଡି. ସରତ ହସିମ୍ ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ଶନିବାର ବାଙ୍ଗିରିପୋଷି ରେଳ ଷ୍ଟେଶନରେ ପହଞ୍ଚିଥିଲେ। ତାଙ୍କ ସହିତ ରେଳ ବିଭାଗର ବିଭିନ୍ନ ଉଚ୍ଚପଦସ୍ଥ ଅଧିକାରୀମାନେ ପରିଦର୍ଶନରେ ଆସି ରେଳଷ୍ଟେଶନ ପ୍ଲାଟଫର୍ମ, ସଂଯୋଗ କରୁଥିବା ରାସ୍ତା, ଜଳଯୋଗାଣ, ଟିକେଟ ବିକ୍ରି, ରେଳ ଷ୍ଟେଶନର ସମସ୍ତ ସମସ୍ୟା ଅନୁଧ୍ୟାନ କରିଥିଲେ। ପରିଦର୍ଶନ ସମୟରେ ରେଳ କ୍ରିୟାନୁଷ୍ଠାନ କମିଟି ବାଙ୍ଗିରିପୋଷି ତରଫରୁ ଏକ ଦାବିପତ୍ର ସମ୍ପାଦକ ଶାନ୍ତନୁ କୁମାର ଦାଶ ପ୍ରଦାନ କରିଥିଲେ। ଦାବିଗୁଡ଼ିକ ମଧ୍ୟରୁ ରିଜର୍ଭେସନ କାଉଣ୍ଟର ଖୋଲିବା, ବାଙ୍ଗିରିପୋଷି-ଗୋରୁମହିଷାଣି ରେଳ ଲାଇନ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା, ପୂର୍ଣ୍ଣାଙ୍ଗ ରେଳଷ୍ଟେଶନରେ ପରିଣତ କରିବା, ରୂପ୍‌ସାଠାରୁ ସକାଳୁ ଆସୁଥିବା ରୂପ୍‌ସା-ଭଞ୍ଜପୁର ଡିଏମୟୁ ଟ୍ରେନକୁ ବାଙ୍ଗିରିପୋଷିକୁ ସମ୍ପ୍ରସାରଣ କରିବା, ପୁରୀ-ଭଞ୍ଜପୁର ଟ୍ରେନକୁ ଓ ସାଲିମାର-ଶିମଳିପାଳ ଏକ୍ସପ୍ରେସ ଟ୍ରେନକୁ ବାଙ୍ଗିରିପୋଷି ରେଳଷ୍ଟେଶନକୁ ସମ୍ପ୍ରସାରିତ କରିବା, ଏକ ଜିଆରପି ଆଉଟପୋଷ୍ଟ ବାଙ୍ଗିରିପୋଷିରେ ଖୋଲିବା, ଶକ୍ତିଶାଳୀ ଏକ ଜେନେରେଟର ବସାଇବା, ଟ୍ରେନରେ ପ୍ରତ୍ୟେକ ଦିନ ଟିକେଟ ତନଖି ବନ୍ଦୋବସ୍ତ କରିବା, ମହିଳାମାନଙ୍କ ପାଇଁ ବିଶ୍ରାମ କକ୍ଷ ନିର୍ମାଣ କରିବା, ବିଶୁଦ୍ଧ ଥଣ୍ଡା ପାଣି ଯୋଗାଇବା ଆଦି ଦାବି ଦିଆଯାଇଥିଲା। ସମସ୍ତ ଦାବୀକୁ ଶୀଘ୍ର ବିଚାରକୁ ନିଆଯିବ ବୋଲି ଡିଆରଏମ୍ ପ୍ରକାଶ କରିଥିଲେ। ସେହିପରି ବୁଡାମରା ରେଳଷ୍ଟେଶନରେ ସୁପରଫାଷ୍ଟ ଟ୍ରେନ ଅଟକିବା ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇପାରୁ ନ ଥିବା ବେଳେ ଏକ ପ୍ରତିନିଧି ଦଳ ଡିଆରଏମ୍‌କୁ ସାକ୍ଷାତ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ।



ଖଡ଼ଗପୁର ରେଲୱେ ଡିଭିଜନର ମ୍ୟାନେଜର ଏମ୍.ଡି. ସରତ ହାସିମ୍‌ଙ୍କ ସହ ଅନ୍ୟମାନେ।



## ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ବଡବିଲ,(ସ୍ୱ:ପ୍ର:): କେନ୍ଦୁଝର ଜିଲା ବଡ଼ବିଲ ସାନ୍ତବାହାଲ ଗ୍ରାମର ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହକୁ ହାୟାରପୁର ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଶୁକ୍ରବାର ପୋଲିସ ଜବତ କରିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ନଂ-୨୮୪/୨୦୨୨ ରୁଜୁ କରି ଶନିବାର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ତାଙ୍କୁ କେହି ହତ୍ୟା କରି ଝୁଲାଇଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତଦନ୍ତକାରୀ ଅଫିସର ଆଲୋକ ପରିଡ଼ା କହିଛନ୍ତି ଯେ, ପ୍ରାଥମିକ ସ୍ତରରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ସଂକ୍ଷେପରେ

### ୨ ଜଣଙ୍କୁ କାବୁ କରି ପୋଲିସ ଜିମାଦେଲେ

#### ସ୍କୁଲ୍ କମ୍ପ୍ୟୁଟର ଲ୍ୟାବ୍‌ରୁ ଚୋରି ଉଦ୍ୟମ

ପାଟଣା,୧୯ ।୧୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ ବେଗନା ଉଚ୍ଚ ବିଦ୍ୟାଳୟରୁ ଶୁକ୍ରବାର ବିଳମ୍ବିତ ରାତିରେ ୨ ଦୁର୍ବୃତ୍ତ କମ୍ପ୍ୟୁଟର ଲ୍ୟାବ୍‌ରେ ପଶି ଚୋରି ଉଦ୍ୟମ କରୁଥିଲେ। ତାଲାକାଟି ସରଞ୍ଜାମ ନେଉଥିବା ବେଳେ ରାତ୍ର ଜଗୁଆଳ ମହେଶ୍ୱର ସେଠୀ କବାଟ ବନ୍ଦ କରି ଲୋକଙ୍କୁ ଡାକିଥିଲେ। ଗ୍ରାମବାସୀ ପହଞ୍ଚି ଦୁର୍ବୃତ୍ତଙ୍କୁ କାବୁ କରିଥିଲେ। ପାଟଣା ପୋଲିସ ପହଁଚି ୨ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଯୁବକ ଦ୍ୱୟ ହେଉଛନ୍ତି ବେଗେନା ଗ୍ରାମର ସଦାନନ୍ଦ ସେଠୀ(୨୬) ଓ ସୁବ୍ରତ ସେଠୀ(୩୨)। ଉଭୟଙ୍କଠାରୁ, ଲାପଟପ, ହେଡ୍‌ଫୋନ, ମନିଟର ଜବତ ହୋଇଛି। ପ୍ରମାଣ ନଷ୍ଟ ପାଇଁ ଶ୍ରେଣୀ ଗୃହରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଭାଙ୍ଗି ଦେଇଥିଲେ। ଏ ନେଇ ପାଟଣା ଥାନାରେ ନଂ.୨୪୪/୨୨ ରେ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି।

### କ୍ରେଡିଟ କାର୍ଡରୁ ୭୦ହଜାର ଗାଏବ

ସିମୁଳିଆ, ୧୯।୧୧(ଡି.ଏନ.ଏ.)-ବାରମ୍ବାର ବିଭିନ୍ନ ଗଣମାଧମରେ ଅନଲାଇନ ଠକେଇ ସମ୍ପର୍କରେ ସଚେତନତା ପ୍ରକାଶ ପାଉଛି। ଏହା ପରେ ମଧ ଲୁଟେରାଙ୍କ କବଳରୁ ନିସ୍ତାର ମିଳୁନାହିଁ। ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବରି ଅଞ୍ଚଳର ନିଶିକାନ୍ତ ଶିଅଳ(୫୭)ଙ୍କ କ୍ରେଡିଟ କାର୍ଡରୁ ୭୦ହଜାର ଟଙ୍କା ଗାଏବ ହୋଇଯାଇଛି। ସେ ଏ ସମ୍ପର୍କରେ ସ୍ଥାନୀୟ ପୋଲିସ, ଏସ୍‌ପି, ସାଇବର କ୍ରାଇମ, ଷ୍ଟେଟ୍‌ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଶିକାନ୍ତ ବିଏସ୍‌ଏନ୍‌ଏଲରେ ଅଫିସର ଥାଇ ଇଛାକୃତ ଅବସର ନେଇଛନ୍ତି। ତେବେ ତାଙ୍କୁ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଏକ କ୍ରେଡିଟ୍ କାର୍ଡ ଗତ ଦେଢ଼ମାସ ପୂର୍ବରୁ ପ୍ରଦାନ କରାଯାଇଥିଲା । ତେବେ ସେ ଏହାକୁ ବ୍ୟବହାର କରି ନ ଥିଲେ ହେଁ ଏଥିରୁ ୭୦ହଜାର ଟଙ୍କା କଟି ଯାଇଛି।

### ରାସ୍ତା ଉପରେ ଜଳିଗଲା ବାଇକ୍

ମୋରଡ଼ା, ୧୯।୧୧ (ଡି.ଏନ୍.ଏ)-ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ଚିତ୍ରଡ଼ାସ୍ଥିତ ସାପ୍ଲାଇ ଛକ ନିକଟରେ ରାସ୍ତା ଉପରେ ଏକ ବାଇକ୍ ସମ୍ପୂର୍ଣ୍ଣ ରୂପେ ଜଳିଯାଇଛି। ସୂଚନା ଅନୁଯାୟୀ, ସୁବର୍ଣ୍ଣରେଖା ପ୍ରକଳ୍ପ କାମ କରିବାକୁ ଆସିଥିବା କେନ୍ଦୁଝର ଜିଲା ଆନନ୍ଦପୁରର ଅଜୟ ମହାନ୍ତ ବାଇକ୍ (ଓଡି-୨୨-ଭି୧୯୫୨)ରେ ଚିତ୍ରଡ଼ା ବଜାରକୁ ଯାଉଥିଲେ। ହଠାତ୍ କୌଣସି କାରଣ ବଶତଃ ଗାଡି ଇଞ୍ଜିନରୁ ନିଆଁ ବାହାରିଥିଲା। ଅଜୟ ଭୟରେ ବାଇକ୍‌ରୁ ଓହ୍ଲାଇ ଆସିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଚିତ୍ରଡ଼ା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ବିଦ୍ୟୁତ୍ ତାର ଚୋରି, ୨ ଗିରଫ

ସାରସକଣା,୧୯।୧୧(ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଞ୍ଚଳରେ ବିଦ୍ୟୁତ୍ ତାର ଚୋରି ଅଭିଯୋଗରେ ୨ଜଣଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ୨ ଅଭିଯୁକ୍ତ ହେଲେ କମାରପାଳ ଗ୍ରାମର ଅର୍ଜୁନ ମଙ୍ଗଲ ଓ ପାରିଆକୋଇଲି ଗ୍ରାମର ଦିଲୀପ ଦିଗାର। ଚଳିତ ମାସ ୩ତାରିଖରେ କାଶିଆବେଡା ଅଞ୍ଚଳରୁ ତାର ଚୋରି ନେଇ ବିଦ୍ୟୁତ୍ ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଏନେଇ ଏକ ମାମଲା (ନଂ.୨୫୦/୨୨) ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ଅଭିଯୁକ୍ତଙ୍କ ନିକଟରୁ ୫୦ କିଲୋ ୧୬୦ ଗ୍ରାମ୍‌ର ତାର ଜବତ କରାଯାଇଥିବା ଏସ୍‌ଆଇ ଅଶୋକ ପୋହି କହିଛନ୍ତି।

# ସ୍ୱଚ୍ଛତା ନାମରେ ଭଲ କଂକ୍ରିଟ୍ ଡଷ୍ଟବିନ୍ ଭାଙ୍ଗିଦେଲେ

■ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିଲା

■ପରିମଳ ବାବଦକୁ ହୋଇଥିବା ଖର୍ଚ୍ଚର ଯାଞ୍ଚ ଦାବି

କେନ୍ଦୁଝର,୧୯।୧୧(ସ୍ୱ.ପ୍ର.)

କେନ୍ଦୁଝର ଗଡ଼ ପୌର ପରିଷଦରେ ଲକ୍ଷାଧିକ ଟଙ୍କା ବ୍ୟୟରେ କିଛି ବର୍ଷ ତଳେ ବିଭିନ୍ନ ୱାର୍ଡରେ ନିର୍ମାଣ ହୋଇଥିବା କଂକ୍ରିଟ ଡଷ୍ଟବିନ୍‌ଗୁଡ଼ିକୁ ପୌର ପ୍ରଶାସନ ଭାଙ୍ଗିଦେଇଛି। ସ୍ୱଚ୍ଛତା ନାମରେ ଜେସିବି ଲଗାଇ ଧ୍ୱସ୍ତ କରିଦିଆଯାଇଛି। ପୂର୍ବରୁ ମଧ ପ୍ଲାଷ୍ଟିକ୍ ଓ ଲୁହା ଡଷ୍ଟବିନ୍ ଭଙ୍ଗା ଯାଇଥିବା ବେଳେ ତାହାର କୌଣସି ହିସାବ କାହା ପାଖରେ ନାହିଁ। ଏବେ ପୁଣି ପୌରପରିଷଦର ନିଷ୍ପତ୍ତି କ୍ରମେ କଂକ୍ରିଟ୍ ଡଷ୍ଟବିନ୍ ଭଙ୍ଗାଯାଇଥିବା କୁହାଯାଉଥିବା ବେଳେ କ୍ଷତି କିଏ ଭରଣା କରିବ ବୋଲି ସହରବାସୀ ପ୍ରଶ୍ନ କରିଛନ୍ତି।

ପ୍ରକାଶ ଯେ, ଘରର ମଇଳା ବାହାରେ ନ ପକାଇବା ପାଇଁ ପ୍ରତ୍ୟେକ ୱାର୍ଡରେ ଦୁଇ ବର୍ଷ ପୂର୍ବେ ପୌର ପ୍ରଶାସନ ପକ୍ଷରୁ କଂକ୍ରିଟର ଡଷ୍ଟବିନ ନିର୍ମାଣ ହୋଇଥିଲା। ଗୋଟିଏ ୱାର୍ଡରେ ଦୁଇରୁ ତିନୋଟି ହିସାବରେ ତିଆରି ହୋଇଥିଲା। ଏଣୁ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ପାଖାପାଖି ୫୦ଟି କଂକ୍ରିଟ ଡଷ୍ଟବିନ୍ ନିର୍ମାଣ କରାଯାଇ ଥିବା କୁହାଯାଉଛି। ଅନେକ ସମୟରେ ଅଳିଆ ଗାଡ଼ି ବିଭିନ୍ନ ୱାର୍ଡକୁ ଯାଉ ନ ଥିବାରୁ ଲୋକେ ଉକ୍ତ ଡଷ୍ଟବିନ୍‌ରେ ମଇଳା ପକାଉଥିଲେ। ପୌର ପ୍ରଶାସନ ପକ୍ଷରୁ ସେଥିରୁ ମଧ ଦୀର୍ଘ ଦିନ ଧରି ଆବର୍ଜନା ଉଠାଯାଉ ନ ଥିଲା। ଏଣୁ ନିଜ ଦୁର୍ବଳତା ଲୁଚାଇବାକୁ ଯାଇ ସ୍ୱଚ୍ଛତା ବାହାନାରେ ଡଷ୍ଟବିନ୍ ଭାଙ୍ଗି ଦିଆଯାଇଥିବା ୱାର୍ଡବାସୀ କହିଛନ୍ତି। ପୂର୍ବରୁ ମଧ ଲକ୍ଷାଧିକ ଟଙ୍କା ବ୍ୟୟରେ ପ୍ଲାଷ୍ଟିକ୍ ଓ ଲୁହା ଡଷ୍ଟବିନ୍ ସବୁ କିଣାଯାଇ ବିଭିନ୍ନ ସ୍ଥାନରେ ରଖାଯାଇଥିଲା। ସେସବୁ କିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ମଧ ଅଭିଯୋଗ ହୋଇଥିଲା। ନିୟମାନୁଯାୟୀ ସେସବୁକୁ ପୌରପାଳିକା ଷ୍ଟକ୍‌କୁ ଯିବା କଥା। କିନ୍ତୁ ତାହା କ'ଣ ହେଲା ଠିକ୍ ତଥ୍ୟ କାହା ପାଖରେ ନାହିଁ। ଫଳରେ ଗତ ୪/୫ ବର୍ଷର ସ୍ୱଚ୍ଛ ଓ ପରିମଳ ବାବଦକୁ ହୋଇଥିବା ସାମଗ୍ରୀ କିଣା ଏବଂ ଅର୍ଥ ଖର୍ଚ୍ଚ ଆଦିର ଯାଞ୍ଚ କରାଗଲେ ବହୁ ଘୋଟାଲା ଲୋକ ଲୋଚନକୁଆସିପାରିବ। ଅନ୍ୟପକ୍ଷରେ ଡଷ୍ଟବିନ୍‌କୁ ନ ଭଙ୍ଗା ଯାଇ ସେଥିରେ ଗଛ ଲଗାଯାଇ ପାରିଥାଆନ୍ତା ବୋଲି ସାମାଜିକ କର୍ମୀ ସିଦ୍ଧେଶ୍ୱର ସାହୁ ମତବ୍ୟକ୍ତ କରିଛନ୍ତି। ଏଭଳି ମନମୁଖି ଭଙ୍ଗା ଗଢ଼ା କାମ କରି ସରକାରୀ ଅର୍ଥର ଅପବ୍ୟୟ ହେଉଥିବାରୁ ଏହାର ତଦନ୍ତ ହେବା ଜରୁରୀ ବୋଲି ଜିଲା ଓକିଲ ସଂଘର ସଭାପତି ଅଶୋକ ଦାସ କହିଛନ୍ତି। ଏ ନେଇ ନିର୍ବାହୀ ଅଧିକାରିଣୀ ଡ. ମଧୁସ୍ମିତା ସାମନ୍ତରାୟଙ୍କୁ ଯୋଗାଯୋଗ କରିଥିଲେ ହେଁ ଫୋନ୍ ଉଠାଇ ନଥିଲେ। ଉପନଗରପାଳ ବରଦା ପ୍ରସନ୍ନ ଦାସ କହିଛନ୍ତି, ନଗର ଉନ୍ନୟନ ବିଭାଗର ଆଦେଶ କ୍ରମେ ଭଙ୍ଗାଯାଇଛି। ଏହାଦ୍ୱାରା ପରିବେଶ ଅଧିକ ଦୂଷିତ ହେଉଥିଲା। ଏବେ ଘର ଘର ବୁଲି ମଇଳା ସଂଗ୍ରହ କରାଯାଉଥିବାରୁ ସେସବୁର ଆବଶ୍ୟକତା ପଡୁନାହିଁ। ଏବେ ମଇଳା ସଂଗ୍ରହ ପାଇଁ ଅଧିକ ଗାଡ଼ି କିଣାଯିବ ବୋଲି ସେ କହିଥିଲେ।



ଜେସିବି ଦ୍ୱାରା କଂକ୍ରିଟ୍ ଡଷ୍ଟବିନ୍ ଭଙ୍ଗା ଯାଉଛି।

# ବିରଳ ଔଷଧୀୟ ବୃକ୍ଷ ସଂରକ୍ଷଣ କାର୍ଯ୍ୟକ୍ରମ



ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଚାରାରୋପଣ।

## ଚାରା ଲଗାଇ ପୋଷ୍ୟ ଗ୍ରହଣ କଲେ

ବାଲେଶ୍ୱର ଅଫିସ,୧୯।୧୧

ବାଲେଶ୍ୱର ଜିଲା ରେମୁଣା ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ନୂତନ ଭାବେ ଗଢ଼ାଯାଉଥିବା ବନସ୍ପତି ଉଦ୍ୟାନରେ ଓଡ଼ିଶା ଜୈବ ବିବିଧତା ବୋର୍ଡ଼ର ସହଯୋଗରେ ଲୁପ୍ତପ୍ରାୟ ବିରଳ ଔଷଧୀୟ ବୃକ୍ଷ ସଂରକ୍ଷଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଶ୍ୱବିଦ୍ୟାଳୟର ପରିବେଶ ପ୍ରତି ଥିବା ପ୍ରତିବଦ୍ଧତା ଓ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ପାଇଁ ଏହା ସମ୍ଭବ ହୋଇପାରିଛି। କୁଳପତିଙ୍କ କରକମଳରେ ବିରଳ ନାଗଲିଙ୍ଗ ଚାରା ଏବଂ ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀଙ୍କ ଦ୍ୱାରା ନାଗେଶ୍ୱର ଚାରାରୋପଣ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରାଯାଇଥିଲା। ବିଭିନ୍ନ ବିଭାଗର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ତଥା ଅନ୍ୟ କର୍ମଚାରୀ ଗୁଗୁଳ, ଶମି ବୃକ୍ଷ, ଅଶୋକ, ସତ୍ୟା ଆମ୍ବ, ପାଢେଲ, କୁଙ୍କୁମ, ଗରୁଡ, ସଲପ, ମାଧବିଲତା, କୁସୁମ, ରକ୍ତଚନ୍ଦନ ଆଦି ପ୍ରାକୃତିକ ପରିବେଶରୁ ଲୋପ ପାଇଯାଉଥିବା ବେଳେ ଏହାକୁ ରୋପଣ କରି ସେଗୁଡିକୁ ପୋଷ୍ୟ ଗ୍ରହଣ କରିଥିଲେ। ରାଜ୍ୟର ଅନ୍ୟତମ ଉଦ୍ଭିଦ ବର୍ଗୀକରଣ ବୈଜ୍ଞାନିକ ତଥା ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ସଂଯୋଜକ ପ୍ରଫେସର ଅନୀଲ କୁମାର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଆୟୋଜନ କରାଯାଇଥିଲା। ଉକ୍ତ ବିଭାଗର ସଂଯୋଜକ ଡ. ମିହିର ତନୟ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରଫେସର ସୁର୍ଯ୍ୟେନ୍ଦୁ କୁମାର ଦେ, ଡ. ରନୀନ୍ଦ୍ର କୁମାର ନାୟକ, ଡ. ପ୍ରକାଶ ଚନ୍ଦ୍ର ମିଶ୍ର, ଶିବାନୀ ହାଁସଦା, ବିଟା ମହାନ୍ତି, ଡ. ଅର୍ପିତା ବାନାର୍ଜୀ, ରାଜଶ୍ରୀ ଦାସ, ଆଦ୍ୟାଶା ପଣ୍ଡା, ଡ. ପଙ୍କଜ କୁମାର ପାଢ଼ୀ, ଡ. ଜୟନ୍ତ କୁମାର ଦାସ, ଦୀପଙ୍କର ଜେନା, ଡ. ଦେବାଶିଷ ପାତ୍ର, ଡ. ପ୍ରହଲ୍ଲାଦ ଖିଲ, ଡ. ରବି ନାରାୟଣ ବେହେରା ତଥା ଛାତ୍ରୀଛାତ୍ରଙ୍କ ଉପସ୍ଥିତି କର୍ଯ୍ୟକ୍ରମର ଲକ୍ଷ୍ୟକୁ ସୁଦୂରପ୍ରସାରୀ କରିପାରିଥିଲା।

## ଓଏମ୍‌ସି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

କେନ୍ଦୁଝର,୧୯।୧୧(ଡି.ଏନ୍.ଏ)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ମହାଦେଇଯୋଡ଼ା ପଞ୍ଚାୟତର ମଦରଙ୍ଗାଯୋଡ଼ିଠାରେ ଓଡ଼ିଶା ମାଇନିଂ କର୍ପୋରେସନ (ଓଏମ୍‌ସି) ତରଫରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଏମ୍‌ସି ଗନ୍ଧମାର୍ଦ୍ଦନ ଆର୍‌ଏମ୍ ଅନୁରାଗ ଓଝା ଏବଂ ମଦରଙ୍ଗାଯୋଡ଼ି ଗ୍ରାମର ରଞ୍ଜନ ବାରିକଙ୍କ ତତ୍ତ୍ୱାବଧାନରେ ୨୦ ଜଣିଆ ଡାକ୍ତରୀ ଦଳ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସ୍ୱାସ୍ଥ୍ୟ ଶିବିରରେ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଡାକ୍ତରଙ୍କ ପରାମର୍ଶ ନେଇଥିଲେ।

## ବନ କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

ଚମ୍ପୁଆ,୧୯।୧୧(ଡି.ଏନ.ଏ)

କେନ୍ଦୁଝର ଜିଲା ଚମ୍ପୁଆ ବନାଞ୍ଚଳରେ କର୍ଯ୍ୟ କରୁଥିବା ଅସ୍ଥାୟୀ କର୍ମଚାରୀମାନେ ଚୁକ୍ତିଭିତିକ ପ୍ରଥା ଉଚ୍ଛେଦ ଦାବି କରି କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରୁଛନ୍ତି। ଚମ୍ପୁଆ ରେଞ୍ଜର ଚମ୍ପୁଆ, ଯୋଡ଼ା, ଉଖୁଣ୍ଡା, ବାମେବାରି ଓ ବାଲିବନ୍ଧ ଆଦି ସେକ୍ସନର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ କର୍ମଚାରୀ ସାମିଲ ହୋଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com



@ଡେଜି



@ବିକି



@ଜୟନ୍ତ



@ପ୍ରଭାତ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ପାଟିକା ଚୟନ ପାଇଁ ଲିଖିତ ପରୀକ୍ଷାକୁ ବିରୋଧ

**ସିଡିପିଓ ଅଫିସରେ ଧାରଣାରେ ବସିଲେ ମହିଳା**

ମୋରଡ଼ା,୧୯।୧୧(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ଗଡ଼ିଗାଁ ପଞ୍ଚାୟତ ବେତନାସିଆରେ ଅଙ୍ଗନୱାଡି କେନ୍ଦ୍ର ପାଟିକା ଚୟନ ପାଇଁ ଲିଖିତ ପରୀକ୍ଷାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏନେଇ ଗ୍ରାମର ମହିଳାମାନେ ଶନିବାର ସିଡିପିଓ ଅଫିସରେ ଧାରଣା ଦେଇଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ ସିଡିପିଓ, ସରପଞ୍ଚ ଓ ଗ୍ରାମର ସମସ୍ତ ମହିଳାଙ୍କ ମତାମତ ଅନୁସାରେ ଭୋଟିଂ ଅନୁଯାୟୀ ପାଟିକା ଚୟନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଭୋଟିଂରେ ମହିଳାମାନେ ଉକ୍ତ ଗ୍ରାମର ଭୂମିହୀନ, ବିଧବା ମହିଳା ମନୋରମା ମହାନ୍ତଙ୍କୁ ସମର୍ଥନ କରିଥିଲେ। କିନ୍ତୁ ସିଡିପିଓ ଉକ୍ତ ନିଯୁକ୍ତି ପ୍ରକ୍ରିୟା ନାକଚ କରି ଶନିବାର ଲିଖିତ ପରୀକ୍ଷା କରାଯାଇ ପାଟିକା ନିଯୁକ୍ତି କରାଯିବ ବୋଲି ଘୋଷଣା କରିଥିଲେ। ଗ୍ରାମର ମହିଳାମାନେ ଅସନ୍ତୋଷ ପ୍ରକାଶ କରିବା ସହ ଧାରଣାରେ ବସିଥିଲେ। ସିଡିପିଓ ତିଆରି କରିଥିବା ପ୍ରଶ୍ନପତ୍ର ଲିକ୍ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସିଡିପିଓ ଏବଂ ଗ୍ରାମବାସୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଲିଖିତ ପରୀକ୍ଷା ବାତିଲ ପାଇଁ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ଟୁଡୁ ସିଡିପିଓ ମିତା ନାୟକଙ୍କୁ ଅନୁରୋଧ କରିଥିଲେ। ଆସନ୍ତା ୭ ଦିନ ମଧ୍ୟରେ ପୁଣି ଗ୍ରାମବାସୀଙ୍କ ଭୋଟିଂ କରାଯାଇ ପାଟିକା ନିଯୁକ୍ତି ପ୍ରକ୍ରିୟା ହେବ ବୋଲି ସିଡିପିଓ ନାୟକ କହିଛନ୍ତି।

# ଇସ୍ତଫା ଦେଲେ କୁଳପତି

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ

ବାରିପଦା ଅଫିସ,୧୯।୧୧

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବସା ଶନିବାର ଇସ୍ତଫା ଦେଇଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ଚିଠି ନଂ. ୯୦୨୭/୧୯ ନଭେମ୍ବର ୨୦୨୨ରେ ରାଜ୍ୟପାଳଙ୍କୁ ଅବଗତ କରିଛନ୍ତି। ୧୫ଦିନ ପୂର୍ବେ ପ୍ରଫେସର ବସା କେନ୍ଦ୍ର ସଂସ୍କୃତି ବିଭାଗ ପକ୍ଷରୁ ଜାତୀୟ ସ୍ମାରକୀ ପ୍ରାଧିକରଣର ଅଧକ୍ଷ ଭାବେ ନିଯୁକ୍ତି ପାଇଥିବାରୁ ତାଙ୍କୁ କୁଳପତି ପଦରୁ ଇସ୍ତଫା ଦେବାକୁ ପଡ଼ିଛି। ନୂତନ କୁଳପତି ନିଯୁକ୍ତି ହେବା ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରମୋଦ କୁମାର ଶତପଥୀ ଅତିରିକ୍ତ ଦାୟିତ୍ୱ ଭାର ସମ୍ଭାଳିବାକୁ ନିର୍ଦ୍ଦେଶ ରହିଛି।



ପ୍ରଫେସର କିଶୋର କୁମାର ବସା।

# ଦାଦନ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

■ମୃତଦେହ ରଖି ବିକ୍ଷୋଭ

■ବେସାହାରା ୨ଭଉଣୀଙ୍କ ଥଇଥାନ ଦାବି

ବାରିପଦା ଅଫିସ, ୧୯।୧୧

ଦାଦନ ଖଟିବାକୁ ଆନ୍ଧ୍ରପ୍ରଦେଶ ଯାଇଥିବା ମୟୂରଭଞ୍ଜ ଜିଲା ବାରିପଦା ସଦର ବ୍ଲକ ଶଙ୍ଖାଭଙ୍ଗା ପଞ୍ଚାୟତ ଅଧୀନ ବସନ୍ତପୁର ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ବେସାହାରା ହୋଇ ପଡ଼ିଥିବା ତାଙ୍କର ଦୁଇ ଭଉଣୀଙ୍କ ଥଇଥାନ ଦାବିରେ ଗ୍ରାମବାସୀ ମୃତଦେହ ରଖି ବିକ୍ଷୋଭ କରିଥିଲେ। ଖବରପାଇ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନା ଅନୁଯାୟୀ, ମା' ବାପାଙ୍କ ମୃତ୍ୟୁ ପରେ ୩ ଭଉଣୀଙ୍କ ପାଳନପୋଷଣ ପାଇଁ ବସନ୍ତପୁର ଗ୍ରାମର ଗୋପାଲ ହାଁସଦା ଆନ୍ଧ୍ରପ୍ରଦେଶ ରାଜ୍ୟ ଶ୍ରୀକାକୁଲମ ଜିଲା ମେଲିଆପୁଟି ଥାନା ଅଧୀନ ଦିନଡନ୍ଧୁପୁରମସ୍ଥିତ ଭବାନୀ ଗ୍ରାନାଇଟ୍ ଫ୍ୟାକ୍ଟ୍ରିରେ ୩ବର୍ଷ ଧରି କାମ କରି ଆସୁଥିଲେ। ଗତ ୧୬ତାରିଖ ରାତିରେ ନାଇଟ୍ ଡ୍ୟୁଟି କରୁଥିବା ସମୟରେ ଅସାବଧାନତା ବଶତଃ ଏକ ପଥର ତାଙ୍କ ମୁଣ୍ଡ ଉପରେ ପଡ଼ିବାରୁ ସେ ଗୁରୁତର ହୋଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ କମ୍ପାନୀ କର୍ତ୍ତୃପକ୍ଷ ଏକ ସ୍ୱତନ୍ତ୍ର ଗାଡ଼ି ଯୋଗେ ଗୋପାଳଙ୍କ ମୃତଦେହ ପୈତୃକ ଗ୍ରାମକୁ ପଠାଇଥିଲେ। ଶୁକ୍ରବାର ମୃତଦେହ ଗାଁରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉଲ୍ଲେଖଯୋଗ୍ୟ, ୩ବର୍ଷ କମ୍ପାନୀରେ କାର୍ଯ୍ୟ କରିବା ମଧ୍ୟରେ ଗୋପାଲ ତାଙ୍କ ବଡ଼ ଭଉଣୀଙ୍କ ବିବାହ କାର୍ଯ୍ୟ ସାରିଦେଇଥିଲେ। ଏବେ ତାଙ୍କର ଅନ୍ୟ ୧୧ ଓ ୮ ବର୍ଷର ଦୁଇ ଭଉଣୀ ବେସାହାରା ହୋଇପଡ଼ିଛନ୍ତି। ସେମାନଙ୍କୁ ଉଦ୍ଧାର କରି ଜିଲା ପ୍ରଶାସନ ସମସ୍ତ ଦାୟିତ୍ୱ ନେବାକୁ ସମିତିସଭ୍ୟା ପାର୍ବତୀ ହେମ୍ବ୍ରମ, ସୁବ୍ରମ ମହାନ୍ତ, ସପନ ଦେହୁରୀ ପ୍ରମୁଖଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

# ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ ଆର୍‌ଡିସି




ସମୀକ୍ଷା ବୈଠକରେ ଆର୍‌ଡିସି ଡ. ସୁରେଶ ଚନ୍ଦ୍ର ଦଳାଇ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଅନ୍ୟ ଅଧିକାରୀମାନେ।

ଭଦ୍ରକ ଅଫିସ, ୧୯।୧୧

କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି) ଡ. ସୁରେଶ ଚନ୍ଦ୍ର ଦଳାଇ ଶନିବାର ଭଦ୍ରକ ଗସ୍ତରେ ଆସି ଜିଲାସ୍ତରୀୟ ପ୍ରଶାସନିକ ବୈଠକରେ ଯୋଗଦେଇ ସମୀକ୍ଷା କରିଛନ୍ତି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଅଣ୍ଡର ସେକ୍ରେଟେରୀ ନିତିଶ୍ ତ୍ରିପାଠୀ, ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ, ଶାନ୍ତନୁ କୁମାର ମହାନ୍ତି, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଉପଜିଲାପାଳ ମନୋଜ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମ୍ୟ ଜଳଯୋଗାଣ, ଜନସ୍ୱାସ୍ଥ୍ୟ, ଜିଲାର ପୌର ପରିଷଦ, କୃଷି, ଉଦ୍ୟାନ, ମତ୍ସ୍ୟ, ପ୍ରାଣୀ ଚିକିତ୍ସା, ମୃତ୍ତିକା ସଂରକ୍ଷଣ, ସାଳନ୍ଦୀ ଜଳସେଚନ, ସାମାଜିକ ସୁରକ୍ଷା, ଜାତୀୟ ରାଜପଥ, ଶିକ୍ଷା, ସ୍ୱାସ୍ଥ୍ୟ ପ୍ରମୁଖ ବିଭାଗର କାର୍ଯ୍ୟଧାରା, ପ୍ରକଳ୍ପ ନିର୍ମାଣ ନେଇ ଅଟକଳ ଓ ସ୍ଥିତାବସ୍ଥା, ଧାର୍ଯ୍ୟ ଲକ୍ଷ୍ୟ ପୂରଣ ନେଇ ପଦକ୍ଷେପ ଆଦି ସମ୍ପର୍କରେ ସେ ସମୀକ୍ଷା କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ନେତୃତ୍ୱରେ କୃଷି, ଉଦ୍ୟାନ, ମତ୍ସ୍ୟ, ପ୍ରାଣୀ ଚିକିତ୍ସା ଏବଂ ମୃତ୍ତିକା ସଂରକ୍ଷଣ ବିଭାଗ ସମନ୍ୱୟରେ ସମନ୍ୱିତ କୃଷି ଯୋଜନାରେ ଜିଲାରେ ଅତିକମ୍‌ରେ ୨ଟି ଆଖିଦୃଶିଆ ବୃହତ୍ ଓ ଆଦର୍ଶ ମେଗା ପ୍ରକଳ୍ପ କରାଯିବା ପାଇଁ ପଦକ୍ଷେପ ନେବାକୁ ଆର୍‌ଡିସି ନିର୍ଦ୍ଦେଶ ଦେଇଛନ୍ତି। ପୌର ପରିଷଦଗୁଡ଼ିକର ମୁକ୍ତା ଯୋଜନା, ପାର୍କ, ଖେଳପଡ଼ିଆ, ବର୍ଷାଜଳ ଅମଳ ପ୍ରକଳ୍ପ, ମିଶନ ଶକ୍ତି ଗୃହ, ଆହାରକେନ୍ଦ୍ର, ମୋ ଖତ ଆଦି ଯୋଜନାର ସେ ସମୀକ୍ଷା କରିଥିଲେ। ଅପରାହ୍ନରେ ଆର୍‌ଡିସି ବାଗୁରାଇସ୍ଥିତ ଇନ୍‌ଡୋର ଷ୍ଟାଡିୟମ, ଆରଡ଼ିଛକ ସ୍ପେଶାଲ ସର୍କିଟ୍ ହାଉସ୍, ନୂଆ ଜିଲା ମୁଖ୍ୟ ଡାକ୍ତରଖାନା ଏବଂ ଭଣ୍ଡାରିପୋଖରୀ ମେଗା ଜଳ ଯୋଗାଣ ପ୍ରକଳ୍ପ ପରିଦର୍ଶନରେ ଯାଇଥିଲେ।

# କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

ବାଲିଆପାଳ, ୧୯।୧୧(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ତାପୁଣ୍ଡିଆ କୁଞ୍ଜ ବିହାରୀ କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଲାଗି ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୂର୍ବତନ ଛାତ୍ର ଡ. ପୁରୁଷୋତ୍ତମ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସୁବର୍ଣ୍ଣ ଜୟନ୍ତୀର ସ୍ମରଣିକା ପ୍ରକାଶ, ଯାଞ୍ଚ କମିଟି ଗଠନ, ସୁବର୍ଣ୍ଣ ଜୟନ୍ତୀ କୋଷାଧକ୍ଷ ଚୟନ ଆଦି ବିଭିନ୍ନ ପ୍ରସଙ୍ଗ ଆଲୋଚନା କରାଯାଇ ସ୍ଥିର କରାଯାଉଥିଲା। ସୁବର୍ଣ୍ଣ ଜୟନ୍ତୀ କମିଟିର ସ୍ଥାୟୀ ସଭାପତି ଭାବେ ଭଗୀରଥ ଗିରି, ଉପସଭାପତି ସୁଧାଂଶୁ ଶେଖର ବିଶ୍ୱାଳ, ସାଧାରଣ ସମ୍ପାଦକ ମନ୍ମଥ ଦାସ, ସହ-ସମ୍ପାଦକ ବିଜୟ କୁମାର ବାରିକ, ସଂଯୋଜକ ପରମାନନ୍ଦ ଦେ, କୋଷାଧକ୍ଷ ସୁମନ୍ତ ଗିରିଙ୍କୁ ମନୋନୟନ କରାଯାଉଥିବା ବେଳେ ଶିବପ୍ରସାଦ ଅଣ୍ଡିଆ, ମହେଶ୍ୱର ରାଉତ, ସୁଦର୍ଶନ ଦାସ, ଅମୂଲ୍ୟ ପ୍ରଧାନ, ଚିନ୍ମୟ କୁମାର ପାଳ, ଜଗନ୍ନାଥ ବିଶ୍ୱାଳ, ବିଦ୍ୟାଳୟ କମିଟିର ସଭାପତି ଦିନେଶ କୁମାର ଗିରି, ସୁଶାନ୍ତ ରାଉତ, ଗଦାଧର ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟାପକ ହରିଶ ଚନ୍ଦ୍ର ଗିରି, ସୁରେନ୍ଦ୍ର ନାଥ ଗିରି, ବିମ୍ବାଧର ନନ୍ଦି ପ୍ରମୁଖ ମତାମତ ଦେଇଥିଲେ। ତେବେ ୨୦୨୩ରେ ଅନୁଷ୍ଠିତ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀ ଅବସରରେ ବିଘ୍ନ ବିନାୟକ ଶ୍ରୀ ଗଣେଶ ଓ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ବିଗ୍ରହ ବିଦ୍ୟାଳୟ ପରିସରରେ ପ୍ରତିଷ୍ଠା କରାଯିବାର ସିଦ୍ଧାନ୍ତ ନିଆଯାଇଥିଲା।

